## ସଂକ୍ଷେପରେ

### ବିଡିଓଙ୍କୁ ଦାବି ଜଣାଇଲେ ୱାର୍ଡ ସଭ୍ୟାସଭ୍ୟ

ତେନ୍ତୁଳିଖୁଣ୍ଟି, ୧।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ୧୫ ପଞ୍ଚାୟତ ୱାର୍ଡ ସଭ୍ୟ ପୂଜାରିଗୁଡା ପଞ୍ଚାୟତ ସିରାଗୁଡ଼ା ପିଜୁଳି ବଗିଚାରେ ଏକ ବୈଠକ କରିଥିଲେ। ଏଠାରେ ଭଜମନ ସିଂ ଙ୍କୁ ସଭାପତି ଓ ମାଳା ନାଗଙ୍କୁ ଉପସଭାପତି ଭାବେ ଚୟନ କରକାଯାଇଛି। ସବୁ ପଞ୍ଚାୟତରୁ ଜଣେ ଲେଖାଏ ସଭ୍ୟଙ୍କୁ ଚୟନ କରାଯାଇଛି। ଭଜମାନ ଡିଙ୍ଗ, କୁନୁ ହରିଜନ, ସୁରେଶ ଗରଡ଼ା, ବିପିନ ଟାକ୍ରୀ, ପୁରନ୍ଦର ମାଝି, ଜିସୁଦାନ ବାଘ, ଦୁର୍ଲଭ ଜାନୀ, ସଞ୍ଜୀବ କର୍କରା, ରମେଶ ପଣ୍ଡା, ସରୋଜିନୀ ଟାକ୍ରୀ, ନିର୍ମଳ ଜାନୀ, ପ୍ରହ୍ଲାଦ ସାନ୍ତା ଓ ଭୀଷ୍ମ ମାଝି ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ଉପସ୍ଥିତ ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ୱାର୍ଡ ସଭ୍ୟା ସଭ୍ୟଙ୍କୁ କ୍ଷମତା ଦେବାକୁ ନିବେଦନ କରାଯାଇଛି। ଏ ନେଇ ଗାଇଡ୍ ଲାଇନ ଅନୁଯାୟୀ ବିଚାର କରାଯିବ ବାଲି ବିଡିଓ କହିଛନ୍ତି।

### ରାଇଘରରେ ବାତ୍ସଲ୍ୟ ଶିବିର

ରାଇଘର, ୧।୬(ଡି.ଏନ୍.ଏ.)- ରାଇଘର ପଞ୍ଚାୟତ ସମିତି ଅଫିସରେ ସରପଞ୍ଚ, ସମିତି ସଦସ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନେଇ ଜିଲା ଶିଶୁ ସୁରକ୍ଷା ପକ୍ଷରୁ ବାତ୍ସଲ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବାଶିଷ କର, ବ୍ଲକ ଉପାଧ୍ୟକ୍ଷ ଗୁପ୍ତପ୍ରସାଦ ଝଙ୍କାର ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅତିଥିଭାବେ ଯୋଗଦେଇଥିଲେ । ମନୋରମା ମାଝି ଏବଂ କିଶୋର ଚନ୍ଦ୍ର ମାର୍ଥ ବକ୍ତାଭାବେ ଉପସ୍ଥିତ ଥିଲେ। ପ୍ରତି ମାସରେ ପଞ୍ଚାୟତସ୍ତରରେ ଶିଶୁ ସୁରକ୍ଷା କମିଟି ବୈଠକ କରିବା ପାଇଁ ବିଡିଓ କହିଥିଲେ। ବାଲ୍ୟବିବାହ ଏବଂ ଉଦଲିଆ ସମ୍ପୂର୍ଣ୍ଣ ରୂପେ ପ୍ରତି ଗ୍ରାମରେ ବନ୍ଦ କରିବାକୁ ଉପାଧ୍ୟକ୍ଷ ମତ ଦେଇଥିଲେ। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ମିଶନ ବାତ୍ସଲ୍ୟ ଯୋଜନାରେ ପ୍ରତି ମାସରେ ୪ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ କହିଥିଲେ। ବୈଠକରେ ୬୦ ଜଣ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାପଡ଼ାହାଣ୍ଡି, ୧।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧବୀ ପରିଚ୍ଛାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପାପଡ଼ାହାଣ୍ଡି ସିଆର୍‌ସିସି ମନୋଜ ମାଝି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧନା ଦେଇଥିଲେ। ସେ ୧ ନଭେମ୍ବର ୧୯୮୬ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ପାପଡାହାଣ୍ଡି ୟୁଜିଏମ୍‌ଇ ସ୍କୁଲ, ମିରିଗୁଡ଼ା ଓ ମାଝିଗୁଡା ସ୍କୁଲରେ କାର୍ଯ୍ୟ କରିବା ସହ ପାପଡାହାଣ୍ଡି ସିଆର୍‌ସିସି ଦାୟିତ୍ୱରେ ରହିଥିଲେ।

### ମନକୁ ଜଳିଲା ଗଛ



ନନ୍ଦପୁର, ୧।୬ (ଡି.ଏନ୍.ଏ.)- ନନ୍ଦପୁର ବ୍ଲକ ଦେଇ ଜୟପୁର ବିଶାଖାପାଟଣା ସଂଯୋଗ କରୁଥିବା ରାଜ୍ୟ ରାଜପଥର ବାଲଡ଼ା ଗ୍ରାମ ଶିବ ମନ୍ଦିର ନିକଟରେ ଗୁରୁବାର ଭୋରରୁ ରାସ୍ତା କଡ଼ରେ ଥିବା ଗଛଟି ଆପେଆପେ ଜଳି ଉଠିଥିଲା। ଲୋକେ ଭୟଭୀତ ହୋଇ ପ୍ରଥମେ ନନ୍ଦପୁର ବିଦ୍ୟୁତ୍ ବିଭାଗକୁ ଖବର ଦେଇ ଗଛ ନିକଟ ଦେଇ ଯାଇଥିବା ତାରରୁ ବିଦ୍ୟୁତ୍ ସଂଯୋଗ କାଟିବାକୁ ଅନୁରୋଧ କରିଥିଲେ। ଅଗ୍ନିଶମ ବାହିନୀର କର୍ମକର୍ତ୍ତା ନିଆଁ ଲିଭାଇ ଥିଲେ। ନିଆଁ ଲାଗିବାର କାରଣ ଏବେ ବି ଅସ୍ପଷ୍ଟ ରହିଛି। ଗଛର ଅତି ନିକଟ ଦେଇ ଯାଇଥିବା ବିଦ୍ୟୁତ୍ ତାର ଯୋଗୁ ନିଆଁ ଲାଗିଥାଇ ପାରେ ବୋଲି ଲୋକେ କହିଛନ୍ତି।

### ଶ୍ରମିକଙ୍କ ମୃତ୍ୟୁ

ନବରଙ୍ଗପୁର,୧।୬(ବି.ପ୍ର.)-ରାୟଗଡ଼ାରେ କାମ କରୁଥିବା ନବରଙ୍ଗପୁର ବ୍ଲକ ବିକ୍ରମପୁର ପଞ୍ଚାୟତ ଡଙ୍ଗରିଗୁଡ଼ା ଗ୍ରାମର କମଳ ଲୋଚନ ନାୟକ(୩୨)ଙ୍କ ମୃତ୍ୟୁ ହୋଇଛି। କାମଳ ରୋଗରେ ପୀଡ଼ିତ ହୋଇ ସେଠାକାର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ବୁଧବାର ରାତି ୧୦.୪୫ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଆମ୍ବୁଲାନ୍ସ ଯୋଗେ ଡଙ୍ଗରିଗୁଡ଼ାକୁ ମୃତଦେହ ଅଣାଯାଇଥିଲା। ଗାଆଁ ଶ୍ମଶାନ ଆତ୍ମୀୟଙ୍କ ଉପସ୍ଥିତି ରେ ତାଙ୍କ ଶେଷ କୃତ୍ୟ କରାଯାଇଛି।

# ଟେଣ୍ଡରକୁ ପ୍ରତିବାଦ, ମହିଳାଙ୍କ ଧାରଣା

## ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଓ ସାମଗ୍ରୀ ପୁନରୁଦ୍ଧାର କେନ୍ଦ୍ରର ପରିଚାଳନା ଦାୟିତ୍ୱକୁ ନେଇ ବିବାଦ

ଉମରକୋଟ, ୧।୬(ସ୍ୱ.ପ୍ର.)



ଆନ୍ଦୋଳନକାରୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଉମରକୋଟର ୮ ନମ୍ବର ୱାର୍ଡରେ ନିର୍ମାଣ କରାଯାଇ ଥିବା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଓ ସାମଗ୍ରୀ ପୁନରୁଦ୍ଧାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ୱାର୍ଡର ମା ସନ୍ତୋଷୀ ଏସ୍‌ଏଚ୍‌ଜିକୁ ଦିଆଯାଇଥିଲା। କେନ୍ଦ୍ରର ପରିଚାଳନା ନେଇ ଗୋଷ୍ଠୀର ମହିଳାଙ୍କୁ ତାଲିମ ଦିଆଯାଇଥିଲା। ଦୀର୍ଘ ୩ ବର୍ଷ ହେବ ସେମାନେ କେନ୍ଦ୍ର ପରିଚାଳନା ଦାୟିତ୍ୱ ସମ୍ପନ୍ନକରି ଆସୁଥିଲେ। ହଠାତ୍ ଉମରକୋଟ ପୌର ପରିଷଦ ଟେଣ୍ଡରକରି ଅନ୍ୟ ଏକ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନେଇ ମା ସନ୍ତୋଷୀ ଗ୍ରୁପ୍ ମହିଳାମାନେ ବିରୋଧ କରିଛନ୍ତି। ସେମାନେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ମୁଖ୍ୟ ଫାଟକକୁ ବନ୍ଦ କରି ଧାରଣାରେ ବସିଛନ୍ତି। ଫଳରେ ଗୁରୁବାର ସହରର ଆବର୍ଜନା ଏହି କେନ୍ଦ୍ରରେ ଓହ୍ଲାଯାଇପାରି ନାହିଁ। ପୌର ପରିଷଦର ୪ଟି ମଇଳା ଆବର୍ଜନା ବୋଝେଇ ଗାଡ଼ି ଏହି କେନ୍ଦ୍ରକୁ ଯାଇଥିଲା। କିନ୍ତୁ ଉତ୍ତ୍ୟକ୍ତ ମହିଳାମାନେ ଆବର୍ଜନା ଓହ୍ଲାଇ ନ ଦେବାରୁ ବାଧହୋଇ ଉକ୍ତ ଆବର୍ଜନା ଗାଡ଼ିଗୁଡିକ ପୌର କାର୍ଯ୍ୟାଳୟରେ ରଖାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଧାରଣାରେ ବସିଥିବା ମହିଳାଙ୍କୁ ବୁଝାଇବାକୁ ନିର୍ବାହୀ ଅଧିକାରୀ ରଷି ମାଝି , ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, ସିଟି ମିଶନ ମ୍ୟାନେଜର ଅଭିଷେକ ମିଶ୍ର ଓ ପରିମଳ ଏକ୍ସପର୍ଟ ନୀଳାମ୍ବର ଭତ୍ରା ଯାଇ ଗେଟ୍‌ର ତାଲା ଖୋଲିବାକୁ ବୁଝାଇଥିଲେ। ପରେ ପୌର ପରିଷଦ କାର୍ଯ୍ୟାଳୟ ଭିତରେ ଥିବା ଆବର୍ଜନା ବୋଝେଇ ଅଳିଆ ଗାଡ଼ି ଖାଲିକରିବା ପାଇଁ ରାଜି ହୋଇଥିଲେ। କିନ୍ତୁ ଶୁକ୍ରବାର କୌଣସି ଗାଡ଼ି ପ୍ରବେଶ କରାଇଦେବୁ ନାହିଁ ବୋଲି ମହିଳାମାନେ କହିଛନ୍ତି।

କରୋନା ସମୟରେ ଏହି କେନ୍ଦ୍ରର ପରିଚାଳନା ପାଇଁ କୌଣସି ଗ୍ରୁପ୍ ପ୍ରସ୍ତୁତ ନ ଥିବା ବେଳେ ସେତେବେଳେ ଜିଲା ପ୍ରଶାସନ ମା ସନ୍ତୋଷୀ ଏସ୍‌ଏଚ୍‌ଜିକୁ ଏହାର ଦାୟିତ୍ୱ ନେବାକୁ ରାଜି କରାଇଥିଲେ। ଏଠାରେ ୧୦ ଜଣ ମହିଳା ନିୟୋଜିତ ଅଛନ୍ତି। ପ୍ରତ୍ୟେକଙ୍କୁ ମାସକୁ ୪ ହଜାର ଟଙ୍କା ମଜୁରି ମିଳୁଛି। ପ୍ରତିବର୍ଷ ଫେବୃୟାରୀ ମାସରେ ଏହି କାମର ଚୁକ୍ତିନାମା ରିନ୍ୟୁଆଲ କରାଯାଉଥିଲା। ଗତ ଫେବୃୟାରୀ ୧୫ରେ ରିନ୍ୟୁଆଲ ପାଇଁ ଉପଯୁକ୍ତ କାଗଜପତ୍ର ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। କିନ୍ତୁ ପୌର ପରିଷଦର କେତେଜଣ କର୍ମଚାରୀ ଟଙ୍କା ନେଇ ଏହି ଟେଣ୍ଡର କରିଦେଲେ ବୋଲି ସନ୍ତୋଷୀ ଗ୍ରୁପ୍ ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଟେଣ୍ଡର ତୁରନ୍ତ ବାତିଲ କରି ମା ସନ୍ତୋଷୀ ଗୋଷ୍ଠୀକୁ ଦିଆଯାଉ ବୋଲି ମହିଳାମାନେ ଦାବି କରିଛନ୍ତି। କେନ୍ଦ୍ର ପରିଚାଳନାର ୩ ବର୍ଷର ଅଭିଜ୍ଞତା ରହିଛି । ତେବେ କୌଣସି ଅଭିଜ୍ଞତା ନ ଥିବା ଗ୍ରୁପ୍‌କୁ ଏହି କାର୍ଯ୍ୟ କରିବା ପାଇଁ ପରିଷଦ କିପରି ଦେଲା ବୋଲି ପ୍ରଶ୍ନ କରିଛନ୍ତି। ଏହାର ପୂର୍ବତନ ସଭାପତି ତଥା ବର୍ତ୍ତମାନର ୮ନଂ.ୱାର୍ଡ କାଉନ୍‌ସିଲର ସରୋଜିନୀ ଶବର। ବର୍ତ୍ତମାନ ୯୦୦୦ ଦରମା ହୋଇଥିବାରୁ ଏ ପ୍ରକାର ବେନିୟମ କାର୍ଯ୍ୟ କରାଯାଉଛି ବୋଲି ସରୋଜିନୀ ଅଭିଯୋଗ କରିଛନ୍ତି। ଟେଣ୍ଡର ପ୍ରକ୍ରିୟା ବାତିଲ ନ ହେବା ଯାଏ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଓଡ଼ିଶୀରେ ବୃତ୍ତି ପାଇବେ ନିର୍ଝରା

## ଅବିଭକ୍ତ କୋରାପୁଟ ଜିଲାରୁ ପ୍ରଥମ

ନନ୍ଦାହାଣ୍ଡି,୧।୬,(ଡି.ଏନ୍.ଏ.)

ଭାରତ ସରକାର ଙ୍କ ଦ୍ୱାରା ପରିଚାଳିତ ଭାରତୀୟ ସଂସ୍କୃତି ଅନୁସନ୍ଧାନ କେନ୍ଦ୍ର ପକ୍ଷରୁ ୨୦୨୨-୨୩ ମସିହା ପାଇଁ ଗତ ମାର୍ଚ୍ଚ ୧୫ରେ ଏକ ବୃତ୍ତି ପରୀକ୍ଷା ଆୟୋଜିତ ହୋଇଥିଲା। ଏଥିରେ ଅବିଭକ୍ତ କୋରାପୁଟର ମାଲକାନଗିରି ଜିଲାରୁ ନିର୍ଝରା ନିର୍ମଳା ତ୍ରିପାଠୀ (୧୧) ବୃତି ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ସମେତ ଓଡ଼ିଶାରୁ ୨୩ଜଣ କୃତକାର୍ଯ୍ୟ ହୋଇଛନ୍ତି।

ଡାକ୍ତର ନୀହାର ରଞ୍ଜନ ତ୍ରିପାଠୀ ଏବଂ ସୁପ୍ରଭାଙ୍କ ଝିଅ ନିର୍ଝରା ମାଲକାନଗିରି କେନ୍ଦ୍ରିୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ସେ ଓଡିଶୀ ନୃତ୍ୟର କନିଷ୍ଠ ବର୍ଗ ପାଇଁ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଚନ୍ତି। ସେ ଗୁରୁ ନମିତା ରାୟକରଙ୍କଠାରୁ ଭୁବନେଶ୍ୱରସ୍ଥିତ ଶ୍ରୀ ଡାନ୍ସ ଏକାଡେମୀରୁ



ନିର୍ଝରା ନିର୍ମଳା ତ୍ରିପାଠୀ

୪ ବର୍ଷ ହେବ ଅନ୍‌ଲାଇନ୍‌ରେ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ନିର୍ଝରା ଏହି ବୃତ୍ତି ପାଇବାରେ ଅବିଭକ୍ତ କୋରାପୁଟ ଜିଲାରେ ସର୍ବପ୍ରଥମ। ଏହି ସଫଳତା ପାଇଁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ମହଲରୁ ତାଙ୍କ ପାଇଁ ଅଭିନନ୍ଦନ ର ସୁଅ ଛୁଟୁଛି।

# ବିଶାଖାପାଟଣା ଟ୍ରେନ୍‌କୁ ଭୁବନେଶ୍ୱର ସମ୍ପ୍ରସାରଣ ଦାବି

ଜୟପୁର, ୧।୬(ନି.ପ୍ର.)

ପ୍ରତିଦିନ ରାତ୍ରରେ ଜୟପୁର ଦେଇ ଯିବା ଆସିବା କରୁଥିବା କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସକୁ ଭୁବନେଶ୍ୱର ଯାଏ ସମ୍ପ୍ରସାରଣ କରିବାକୁ ଦାବି ରଖିଛି ଜୟପୁର ଜନ କଲ୍ୟାଣ ମଞ୍ଚ । ଏନେଇ ଏକ ଦାବି ପତ୍ର ମାଞ୍ଚ ପକ୍ଷରୁ ବିଶାଖାପାଟଣା ଡିଆରଏମ ଅନୁପ ଶତପଥୀଙ୍କୁ ପ୍ରଦାନ କରାଯାଇଛି।

ଏହି ଟ୍ରେନଟି ବିଶାଖାପାଟଣାରେ ଭୋର ୩ଟାରେ ପହଞ୍ଚି ପୁଣି ରାତି ୯ଟାରେ ଛାଡୁଛି। ବିଶାଖାପାଟଣାରେ ଟ୍ରେନଟି ୧୮ ଘଣ୍ଟା କାଳ ପଡିରହୁଛି । ସେଠାରୁ ଭୁବନେଶ୍ୱର ଯିବା ଆସିବା ପାଇଁ ସମୟ କେବଳ ୧୨ ଘଣ୍ଟା ଲାଗିବ। ଟ୍ରେନ ରକ୍ଷଣାବେକ୍ଷଣ ଏବଂ ସଫା ସୁତରା ପାଇଁ ବଳକା ୬ ଘଣ୍ଟା ଭୁବନେଶ୍ୱରରେ ଉପଯୋଗ କରିପାରିବ। ଏପରିକି ଏହି ରାସ୍ତାରେ ଭୁବନେଶ୍ୱରକୁ ୨୦ କିମି ଦୂରତା ବି କମିବ । ତେଣୁ ଉକ୍ତ ଟ୍ରେନକୁ ତୁରନ୍ତ ସମ୍ପ୍ରସାରଣ କରିବାକୁ ଦାବି ହୋଇଛି। ଯଦ୍ୱାରା ଅବିଭକ୍ତ କୋରାପୁଟ ଜିଲା ବାସିନ୍ଦା ଉପକୃତ ହେବେ ବୋଲି ମଞ୍ଚ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଆବାହକ ରାଜେନ୍ଦ୍ର ଗୌଡ଼, ଟି.ଗୋରୀ ଶଙ୍କର, ପ୍ରଦୀପ୍ତ ପାଣିଗ୍ରାହୀ, ନିରଦ ନାୟକ ଉପସ୍ଥିତ ଥିଲେ।

# ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ

## ୧୫ ପରିବାରକୁ ସାମାଜିକ ବାସନ୍ଦ ଘଟଣା

ନବରଙ୍ଗପୁର,୧।୬(ବି.ପ୍ର.)

କୋଷାଗୁମୁଡ଼ା ଥାନା ଅଧୀନ ଚୁରାହାଣ୍ଡି ଗାଁ ରେ ୧୫ ପରିବାରକୁ ଦେଢ଼ ମାସ ହେବ ସାମାଜିକ ବାସନ୍ଦ ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ୍ ଦାଖଲ କରିଛନ୍ତି ବ୍ରହ୍ମପୁର ମାନବାଧିକାର କର୍ମୀ ରବିନ୍ଦ୍ର ମିଶ୍ର। ତାଙ୍କ ପିଟିସନ୍ ଆଧାରରରେ ଜାତୀୟ ମାନବାଧିକାର କମିଶନ୍‌ଙ୍କ ନିକଟରେ ଡାଇରୀ ନଂ ୮୯୭୧/ଆଇଏନ/୨୦୨୩ରେ ଦାୟର ହୋଇଛି। ଚୁରାହାଣ୍ଡି ଗ୍ରାମରେ ଠାକୁରାଣୀ ଯାତ୍ରାରେ ଖୁଡଖୁଡି(ଜୁଆ) ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ତାହାକୁ ବନ୍ଦ କରି ଦେଇଥିଲା। ପୋଲିସକୁ ଖବର ଦେବା ସନ୍ଦେହରେ ଖେଳକୁ ସମର୍ଥନ କରୁଥିବା ଗୋଷ୍ଠୀ ଗାଁର ୨୫ ପରିବାରକୁ ବାସନ୍ଦ କରାଯାଇଥିଲା। ପୁଣି ମିଶିବାକୁ ହେଲେ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ୧୦ ପରିବାର ନିଷ୍ପତି ଅନୁଯାୟୀ ଜରିମାନା ଦେବାପରେ ତାଙ୍କ ଉପରୁ ବାସନ୍ଦ ହଟାଯାଇଥିଲା। ଅନ୍ୟ ୧୫ ପରିବାର ପ୍ରଶାସନକୁ ଜଣାଇଥିଲେ। ଅଧିକାରୀମାନେ ଗାଁକୁ ଯାଇ ଏକ ରାଜିନାମା ପତ୍ରରେ ଦୁଇପକ୍ଷର ଦସ୍ତଖତ ନେବାକୁ ଚାହିଁଥିଲେ। ବାସନ୍ଦ ୧୫ ପରିବାର ଦସ୍ତଖତ କରିଥିବା ବେଳେ ଦସ୍ତଖତ କରି ନ ଥିଲେ। ଗାଁରେ ଏପରି କଙ୍ଗାରୁ କୋର୍ଟ ବସି ନିଷ୍ପତି ହେଲେ ପୋଲିସ ନ୍ୟାୟାଳୟ କଣ ପାଇଁ ରହିଛି। ଏହି ମାମଲାରେ ବାସନ୍ଦ ହୋଇଥିବା ପରିବାରଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଛି। ଏକ ସ୍ୱତନ୍ତ୍ର ତଦନ୍ତ କାରୀ ଟିମ୍ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବାସନ୍ଦ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ମାନାବାଧିକାର କର୍ମୀ ତାଙ୍କ ପିଟିସନ୍ ରେ ଉଲ୍ଲେଖ କରିଛନ୍ତି ଏହି ବାସନ୍ଦ ପାଇଁ ପ୍ରଶାସନର ଗ୍ରାମରେ ସଚେତନତା ଅଭାବ ଓ ଅବହେଳାକୁ ଦାୟୀ କରିଛନ୍ତି।

# ବାଣିଜ୍ୟରେ ପମିତ, ବିଜ୍ଞାନରେ ଆଦିତ୍ୟ ଟପ୍ପର

କୋରାପୁଟ,୧।୬(ସ୍ୱ.ପ୍ର.)



ପମିତ ଦାସ ଆଦିତ୍ୟ କୁମାର ନାୟକ

ଚଳିତ ବର୍ଷ ପ୍ରକାଶ ପାଇଥିବା ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ କୋରାପୁଟସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ ମହାବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଯୁକ୍ତ ୨ ବାଣିଜ୍ୟରେ ପମିତ କୁମାର ଦାସ ୮୫% ଏବଂ ବିଜ୍ଞାନରେ ଛାତ୍ର ଆଦିତ୍ୟ କୁମାର ନାୟକ ୮୬% ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିଭଳି ବାଣିଜ୍ୟରେ ବି. ରବି ତେଜା ୮୨% ଓ ଶୁଭମ ସାବତ ୮୧% ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟର ସମୁଦାୟ ୧୫ଜଣ ପରୀକ୍ଷା ଦେଇଥିବାବେଳେ ସେଥିରୁ ୧୦ ଜଣ ଛାତ୍ରୀଛାତ୍ର ପ୍ରଥମ, ୫ ଜଣ ଦ୍ୱିତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଯୁକ୍ତ ୨ ବିଜ୍ଞାନରେ ଛାତ୍ରୀ ତପସ୍ୱିନୀ ସାହୁ ୮୩% ଓ ଲିପ୍‌ସିତା ପାରାମାନିକ ୮୩ % ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ୧୦୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୭ ଜଣ ପ୍ରଥମ, ୪୩ ଜଣ ଦ୍ୱିତୀୟ ଓ ୧୩ ଜଣ ତୃତୀୟ ସ୍ଥାନରେ ଅଛନ୍ତି। ମହାବିଦ୍ୟାଳୟର ଚେୟାରମ୍ୟାନ ସୁବ୍ରତ କୁମାର ମିଶ୍ର ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହିତାଧିକାରୀଙ୍କୁ ଗାଁରେ ମିଳିଲା ଖାଉଟି ଚାଉଳ

## ଧରିତ୍ରୀ ପ୍ରଭାବ

ଦଶମନ୍ତପୁର, ୧।୬(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆର ଶୁଣି ପଞ୍ଚାୟତ ଅଧୀନରେ ଥିବା ୩ ଗ୍ରାମବାସୀଙ୍କୁ ଗୁରୁବାର ଗାଁରେ ଖାଉଟି ଚାଉଳ ମିଳିଛି। ଧରିତ୍ରୀରେ ଖବର ପ୍ରକାଶ ପରେ ଦୀର୍ଘ ୨୦ ବର୍ଷ ପରେ ପୁଣି ଗାଁରେ ଚାଉଳ ବଣ୍ଟନ କରାଯାଇଛି।

୨୦ ବର୍ଷ ଧରି ପଞ୍ଚାୟତର ଅନଗାରଗୁଡ଼ା, ହଳଦୀଶିଲ ଗ୍ରାମର ଆଦିବାସୀ ସାହି, ହରିଜନ ସାହି ଏବଂ ବାଲିଘାଟ ଗ୍ରାମବାସୀ ଲଗାଇ ଡ଼ଙ୍ଗା ପାରି ହୋଇ ପଞ୍ଚାୟତକୁ ଖାଉଟି ଚାଉଳ ଆଣିବାକୁ ଯାଉଥିଲେ। ଏହି ସମୟରେ ଅନେକଙ୍କ ଜୀବନ ମଧ୍ୟ ଚାଲିଯାଉଥିଲା। ଗ୍ରାମବାସୀଙ୍କ ବାରମ୍ବାର ଗୁହାରୀ କଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ସାମାଜିକ କର୍ମୀ ଦୀପା ବାରିକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରିଥିଲେ। ଏହାପରେ ପ୍ରଶାସନ ଗାଁକୁ ଯାଇ ସେଠାରେ ସର୍ଭେ କରି ଲୋକଙ୍କୁ ଚାଉଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



ହିତାଧିକାରୀ ଚାଉଳ ନେଉଛନ୍ତି ।

# ୧୭ ଚୋରି ବାଇକ୍ ଜବତ, ୪ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଡାବୁଗାଁ, ୧।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ଥାନ ଅଧୀନ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ୧୭ ବାଇକ୍ ଜବତ କରିଛି। ଚୋରି ମାମଲାରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜୟନ୍ତୀନଗର ଗ୍ରାମର ରାମଚନ୍ଦ୍ର ଜାନି, ଉମରକୋଟ ଥାନା ଅଧୀନ ଧୋଡ୍ରା ଗ୍ରାମର ଡୁମର ହରିଜନ ଓ ସୁଧୀର ହରିଜନ ଏବଂ ରାଇଘର ଥାନା ଅଧୀନ ଜାମଦୋରା ଗ୍ରାମର ଚନ୍ଦ୍ର ହରିଜନ ।

ଡାବୁଗାଁ ଥାନା ଅଧୀନ ଜବାଗୁଡା ଗ୍ରାମର ଚନ୍ଦ୍ର ମିର୍ଗାନ୍ ତାଙ୍କ ବାଇକ୍ ଚୋରି ନେଇ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣା ପଡ଼ିବ ବୋଲି ଏସ୍‌ପି ଏସ୍.ସୁଶ୍ରୀ ଡାବୁଗାଁ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀ ସୂଚନା ଦେଇଛନ୍ତି। ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଡାବୁଗାଁ ଥାନାଧିକାରୀ ସୁନୀଲ ପ୍ରଧାନ, ସବ୍‌ଇନିପେକ୍ଟର ବିଜୁରାମ ବାଗ ଓ ଚନ୍ଦନ ସାହୁ, ଏଏସ୍‌ଆଇ ଶିଶିରକାନ୍ତ ଘୋଷ, ବିଜୟ ସାହୁ ଓ ପୁଷ୍ପଲତା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ମନୋବଳ ଭାଙ୍ଗିପାରିଲାନି କର୍କଟ ରୋଗ

## ଯୁକ୍ତ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ପାଟନାନା ଅଚ୍ୟୁତ ରାଓ

ଜୟପୁର, ୧।୬(ନି.ପ୍ର.)



ପ୍ରକାଶ ପାଇଛି ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଫଳ। ଏଥିରେ ଜୟପୁର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଫଳାଫଳ ବେଶ୍ ଭଲ ରହିଛି। କଲେଜରେ ଯୁକ୍ତ ୨ ପଢୁଥିବା ଜୟପୁର ସହର ଜମାଲ କଲୋନୀର ପାଟନାନା ଅଚ୍ୟୁତ ରାଓ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଲ ପାଠ ପଢ଼ି ଜଣେ କମ୍ପ୍ୟୁଟର ସାଇନ୍ସ ଇଂଜିନିୟର ହେବାର ଲକ୍ଷ ରଖିଛନ୍ତି। ଅ ଚ ୍ୟ ତ କ କ ଟ ର େ ପ 1 ଡ଼ ି ତ ଅଛନ୍ତି। ମାଟ୍ରିକ ପରେ ଅସୁସ୍ଥ ହୋଇପଡ଼ିଥିଲେ ଅଚ୍ୟୁତ। ଯୁକ୍ତ ଦୁଇ ପଢ଼ିବାବେଳେ ତାଙ୍କର ଚିକିତ୍ସା ଆରମ୍ଭ ହେଇଥିଲା। ଅଚ୍ୟୁତ ରକ୍ତ କର୍କଟରେ ଆକ୍ରାନ୍ତ ହୋଇଥିଲେ। ଅଚ୍ୟୁତ ମନୋବଳ ନ ଭାଙ୍ଗି ଚିକିତ୍ସା କରିବା ସହ ପାଠ ପଢୁଥିଲେ। ସେହି ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ମଧ୍ୟ କରିଛନ୍ତି। ତାରି ଭିତରେ ଫଳାଫଳରେ ୬୦ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହେବା ପରେ ସମସ୍ତେ ଖୁସି ଅଛନ୍ତି।

# ଚାକିରି ପ୍ରତିଶ୍ରୁତି ଦେଇ କଥା ରଖୁନି ଜିଲା ମଙ୍ଗଳ ବିଭାଗ

## ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ଆଶାୟୀ

କୋରାପୁଟ,୧।୬(ସ୍ୱ.ପ୍ର.)

ପ୍ରତିଶ୍ରୁତିମୁତାବକ ଚାକିରି ଦେବାକୁ ବାରମ୍ବାର ଗୁହାରିକଲା ପରେ ମଧ୍ୟ ଶୁଣିଲା ନାହିଁ ଜିଲା ମଙ୍ଗଳ ବିଭାଗ କିମ୍ବା ଜିଲା ପ୍ରଶାସନ। ସେଥିପାଇଁ ବାଧହୋଇ ଜିଲା ମଙ୍ଗଳ ବିଭାଗ ଅଫିସ ଆଗରେ ପରିବାର ସହ ଗୁରୁବାର ଧାରଣାରେ ବସିଛନ୍ତି ଦଶମନ୍ତପୁର ବ୍ଲକ ମାଛପୁଟ ଗ୍ରାମର ରାଜେନ୍ଦ୍ର ଚେଙ୍ଗି। ମାଛପୁଟରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଏକ ହାଇସ୍କୁଲ ନିର୍ମାଣ ପାଇଁ ୧୯୯୬ରେ ଜମି ଦେଇଥିଲେ ରାଜେନ୍ଦ୍ର। ବିଦ୍ୟାଳୟରେ ସିସିଏ ଚାକିରି ଦେବା ପାଇଁ ମଙ୍ଗଳ ବିଭାଗ ପକ୍ଷରୁ ରାଜେନ୍ଦ୍ରଙ୍କୁ କୁହାଯାଇଥିଲା। କିନ୍ତୁ ୧୬ ବର୍ଷ ହେଲାଣି ଚାକିରି ନ ଦେଇ ମଙ୍ଗଳ ବିଭାଗ କର୍ତ୍ତୃପକ୍ଷ ଭୁଆଁ ବୁଲାଉଛନ୍ତି ବୋଲି ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ଜିଲା ମଙ୍ଗଳ ବିଭାଗ ଅଧିକାରୀ, ବିଧାୟକ ଓ ଏମ୍‌ପିଙ୍କ ସହ ୩ ଥର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ରାଜେନ୍ଦ୍ର କହିଛନ୍ତି। ତଥାପି ସୁଫଳ ନ ମିଳିବାରୁ ବାଧହୋଇ ସେ ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସେ କହିଛନ୍ତି। ଧାରଣାରେ ବସିଥିବା ସମୟରେ ରାଜେନ୍ଦ୍ରଙ୍କ ସ୍ତ୍ରୀ ଅଚେତ ହୋଇପଡ଼ିଥିଲେ। କିଛି ସମୟ ପରେ ତାଙ୍କର ଚେତା ଫେରିଥିଲା। ଧାରଣା ଦେବା ସମୟରେ ପରିବାରର କୌଣସି ସଦସ୍ୟଙ୍କ କିଛି ବି କ୍ଷତି ହୁଏ ସେଥିପାଇଁ ମଙ୍ଗଳ ବିଭାଗ ଅଧିକାରୀ ଦାୟୀ ରହିବେ ବୋଲି ରାଜେନ୍ଦ୍ର କହିଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଖାଲି ପଦବୀ ଆସିଲେ ରାଜେନ୍ଦ୍ରଙ୍କୁ ଚାକିରି ଦିଆଯିବ ବୋଲି କହିଛନ୍ତି।



ରାଜେନ୍ଦ୍ର ସପରିବାର ଧାରଣାରେ ବସିଛନ୍ତି।

# ଶୋଭାଯାତ୍ରାରେ ଯାଇ ଧାରଣାରେ ବସିଲେ ଅମଲା



କୋରାପୁଟ ଓ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅମଲାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସରକାରୀ କାର୍ଯ୍ୟ ଠପ୍, ଅସୁବିଧାରେ ସାଧାରଣ ଲୋକେ

କୋରାପୁଟ/ଜୟପୁର/ନବରଙ୍ଗପୁର, ୧।୬(ସ୍ୱ.ପ୍ର./ନି.ପ୍ର./ବି.ପ୍ର.)

ରାଜ୍ୟବ୍ୟାପୀ ଅମଲାମାନେ ଗୁରୁବାରରୁ ସମୂହ ଛୁଟିରେ ଯିବା ସହ ଧାରଣାରେ ବସିଛନ୍ତି। ଏହି କ୍ରମରେ କୋରାପୁଟ ଓ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଅମଲାମାନେ ଧାରଣାରେ ବସିଛନ୍ତି। କନିଷ୍ଠ ସହାୟକଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ୍ ପେ ପ୍ରଦାନ ଦାବି ଦୀର୍ଘଦିନ ଧରି ପୂରଣ ହୋଇ ନ ଥିବାରୁ ଏହି ଧାରଣା ଦିଆଯାଇଛି। ଫଳରେ ସରକାରଙ୍କ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଥିବାବେଳେ ସାଧାରଣ ଲୋକେ ଅସୁବିଧା ଭୋଗୁଛନ୍ତି।

କୋରାପୁଟ ଅମଲାମାନେ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ରାଜ୍ୟ ସରକାର ଏହି ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜିଲା ମିଳିତ ଅମଲା ମଞ୍ଚ ସଭାପତି ଶଶିଭୂଷଣ ଦାଶ ପ୍ରକାଶ କହିଛନ୍ତି। ଏଥିପୂର୍ବରୁ କୋରାପୁଟ ଜିଲାର ୩୫ ବିଭାଗର ସମସ୍ତ ଅମଲା କାର୍ଯ୍ୟାଳୟ ଅଧିକାରୀଙ୍କୁ ଛୁଟିନେଇ ଆବେଦନପତ୍ର ପ୍ରଦାନ କରି ଧାରଣାରେ ସାମିଲ ହୋଇଛନ୍ତି। ଓଡ଼ିଶା ମିଳିତ ଅମଲା ମଞ୍ଚ ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ, ଅଧ୍ୟକ୍ଷ ପ୍ରସନ୍ନ ନାୟକ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରାଙ୍କ ନେତୃତ୍ୱରେ ଧାରଣାରେ ଅମଲାମାନେ ସାମିଲ ହୋଇଛନ୍ତି।

ନବରଙ୍ଗପୁରରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଗୁରୁବାରରୁ ଜିଲାସ୍ତରୀୟ ଅମଲାମାନେ ସମୂହ ଛୁଟିରେ ଯାଇ ନବରଙ୍ଗପୁର ଜିଲାପାଳ ଏବଂ ଉମରକୋଟ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ନବରଙ୍ଗପୁର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଦାସ ଏବଂ ଆବାହକ ଏମ୍. ବାଲାକ୍ରିଷ୍ଣାଙ୍କ ନେତୃତ୍ୱରେ ଅମଲାମାନେ ଧାରଣା ଦେଇଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତିବାଲାଜୀ ସାହୁ, ଅରୁଣ ରଥ, ରାମ ପଣ୍ଡା, ଦିଲୀପ ସାହୁ, ରାମପ୍ରସାଦ ରଥ, ଆଶୁତୋଷ ମହାନ୍ତି, କବିତା ବ୍ରହ୍ମା, ଆକାଶ ଗଣ୍ଡ , ସୁଧାଂଶୁ ମିଶ୍ର, ସୁରଜ କୁମାର ସ୍ୱାଇଁ, ବବିତା ପଟ୍ଟନାୟକ, ସାହିଦ ଅଖତାର, ରଞ୍ଜିତ ଷଡ଼ଙ୍ଗୀ, ଏ.ପ୍ରଶାନ୍ତି, ମବିନା ସୁଲତାନ, ମୈଥିଳୀ ପଟ୍ଟନାୟକ, ପି. ଅନୁରାଧା ପାତ୍ର, ସୁନିତା ମହାରଣା, ରଶ୍ମିତା ପାଢ଼ୀ, ସସ୍ମିତା ନାୟକ, ଧନୁର୍ଜୟ ମାଝି, ସ୍ନେହାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ଜୁନ୍, ୨୦୨୩



## ସଂକ୍ଷେପରେ

### କ୍ରୀଡ଼ା ବିଭାଗ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୧୬(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପୁର କଲେଜ କ୍ରୀଡା ଅଧ୍ୟାପକ ଦେବ ପ୍ରସାଦ ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ସନ୍ଧ୍ୟାରେ ଅଧକ୍ଷ ଜି.ମହେଶ୍ୱର ରାଓଙ୍କ ଅଧକ୍ଷତାରେ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରାଧ୍ୟପକ ଶଶୀ ଭୂଷଣ ମହାନ୍ତି, ଡ.ଜବାହାରଲାଲ ଚୌଧୁରୀ, କାଶୀ ବିଶ୍ୱନାଥ ମହାଙ୍କୁଡଙ୍କ ସମେତ ଅନ୍ୟା ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅମଲା ସଂଘର ଆନ୍ଦୋଳନ



ଗୁଣପୁର,୧୬(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲା ସଂଘ ପକ୍ଷରୁ ଗୁରୁବାର ପ୍ରତିବାଦ ସଭା କରାଯିବା ସହ ଅନିର୍ଦ୍ଦିଷ୍ଟ କାଳପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ପ୍ରତି ଉଦାସୀନତା ମନୋଭାବ ପୋଷଣ କରବା ପ୍ରତିବାଦ କରି ଅମଲା ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ୨୦୧୭ ଠାରୁ ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ଥିଲେ ମଧ ବେତନରେ କୌଣସି ବୃଦ୍ଧି କରିନାନ୍ତି। ଏହି ଦାବୀ ସରକାର ଶୁଣୁ ନ ଥିବାରୁ ପ୍ରଥମ ଦଫାରେ ଏପ୍ରିଲ ୨୧ରେ ସେମାନଙ୍କ ସମସ୍ୟା ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ। ମେ ୨୧ ସୁଦ୍ଧା ସେମାନଙ୍କ ଦାବୀପୂରଣ ପାଇଁ ଅନୁରୋଧ କରିଥିଲେ। ସେମାନଙ୍କ ଦାବୀ ପ୍ରତି ସରକାର ଦୃଷ୍ଟି ନ ଦେବାରୁ ୨୨ ତାରିଖରେ କଳାବ୍ୟାଜ ପରିଧାନ କରିଥିଲେ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି।

### କେନ୍ଦୁଗୁଡ଼ା ଜଙ୍ଗଲରୁ ୫୦୪ କେଜି ଗଞ୍ଜେଇ ଜବତ

କାଲିମେଲା, ୧୬(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଲା ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ କୁରମାନୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଗାଁ ନିକଟ ରାସ୍ତା କଡ଼ରେ ଥିବା ଜଙ୍ଗଲ ଭିତରୁ ଗୁରୁବାର ୫୦୪ କେ.ଜି. ଗଞ୍ଜେଇ ଧରିଛି। ୨୦ ଟି ପ୍ୟାକେଟରେ ଏହି ଗଞ୍ଜେଇ ଥିଲା। ଅଭିଯୁକ୍ତମାନେ ଗଞ୍ଜେଇ ଗୁଡିକ କୁରମାନୁର ଅଞ୍ଚଳରୁ ଆନ୍ଧ୍ରପ୍ରଦେଶକୁ ପରିବହନ ପାଇଁ ପ୍ରସ୍ତୁତ କରୁଥିବା ସମୟରେ ପୋଲିସ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇଗୁଡିକ କୋର୍ଟରେ ହାଜର କରାଯାଇଛି। ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତ ବ୍ୟକ୍ତିମାନେ ପୋଲିସ ଟିମ୍‌କୁ ଦେଖି ଖସିଯିବାରେ ସଫଳ ହୋଇଥିବା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୁଲି ଅନୁମାନ କରାଯାଇଛି।

# ବର୍ଷାଦିନରେ ଶୁଦ୍ଧ ପାନୀୟଜଳ ଯୋଗାଣକୁ ଗୁରୁତ୍ୱ

- ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା
- ଜିଲାର ସମସ୍ୟା ଉପରେ ଚିଠା ପ୍ରସ୍ତୁତ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ
- କାଶୀପୁରରେ ଅଚଳ ସୋଲାର ପ୍ରକଳ୍ପ ମରାମତି ପାଇଁ ପରାମର୍ଶ

ରାୟଗଡ଼ା ଅଫିସ,୧୬



ରାୟଗଡ଼ାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ ସମୀକ୍ଷା କରୁଛନ୍ତି।

ରାୟଗଡ଼ା ଜିଲାକୁ ଗୁରୁବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଦିନିକିଆ ଗସ୍ତରେ ଆସିଥିଲେ। ସେ ଜିଲା ପରିଷଦ ସଭାଗୃହରେ ଜିଲାର ବିଭିନ୍ନ ସମସ୍ୟା ଓ ବର୍ଷାଦିନେ ଶୁଦ୍ଧ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇ ସମୀକ୍ଷା କରିଥିଲେ। କାଶୀପୁର, ପଦ୍ମପୁର, ଚନ୍ଦ୍ରପୁର ଏବଂ ରାୟଗଡ଼ାରେ ଲୋକଙ୍କୁ ଯେପରି ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇ ପାରିବ ସେ ଉପରେ ମନ୍ତ୍ରୀ ନାୟକ ବ୍ୟବସ୍ଥା କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଗୋପାଳ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାର ବିଭିନ୍ନ ବ୍ଲକରେ ଥିବା ସମସ୍ୟାଗୁଡ଼ିକର ଚିଠା ପ୍ରସ୍ତୁତକରି ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଶୀପୁର ବ୍ଲକରେ ଅଚଳ ହୋଇପଡ଼ିଥିବା ୧୧ ସୋଲାର ପ୍ରକଳ୍ପକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ବର୍ଷାଋତୁ ଆସୁଛି। ଏହି ସମୟରେ ଜିଲାରେ ପାନୀୟ ଜଳ ପ୍ରଦୂଷଣ ହେବା ସମ୍ଭାବନା ରହିଛି। ସେଥିଯୋଗୁ ବିଭିନ୍ନ ସମୟରେ ଲୋକେ ଝାଡ଼ାବାନ୍ତି ଓ ଜ୍ୱର ଆଦିରେ ପଡ଼ିଥାନ୍ତି। ଏଥିପ୍ରତି ଗୁରୁତ୍ୱ ଦେବାକୁ ସେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ମୁଖ୍ୟତଃ କାଶୀପୁର ଅଞ୍ଚଳର ସମସ୍ୟା ଉପରେ ଆଲୋଚନା ହୋଇଥିବା ବେଳେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ବୈଠକରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। କାଶୀପୁରରେ ଖରାପ ଥିବା ସମସ୍ତ ନଳକୂପ ଏବଂ ଖରାପ ଥିବା ପାଇପ୍ ସଜାଡ଼ିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଯୋଜନା କମିଟି ଦ୍ୱାରା ଅନୁମୋଦିତ ବିଭିନ୍ନ ଅନୁଦାନର ଠିକ୍ ବିନିଯୋଗ ଏବଂ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାର ୩ଟି ନିର୍ବାଚନ ମଣ୍ଡଳୀ ପାଇଁ ହୋଇଥିବା ଯୋଜନା ଏବଂ ଆବଶ୍ୟକତା ଉପରେ ପଚାରି ବୁଝିଥିଲେ। ଜିଲା ପାଇଁ ଆସୁଥିବା ଅନୁଦାନକୁ ଆଗାମୀ ଦିନରେ ପୌର ପାଳିକା ଓ ବ୍ଲକ ସ୍ତରରେ ପୁଣି ସମୀକ୍ଷା କରିବେ ବୋଲି ମନ୍ତ୍ରୀ କହିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ଜିଲାପାଳ ସ୍ୱାଧାଦେବ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଓ ଏସ୍‌ଡିସି ଚେୟାରମ୍ୟାନ ଅନସୂୟା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପାଳ ନାୟକଙ୍କୁ ପଦ୍ମପୁର, ଚନ୍ଦ୍ରପୁର ଓ କାଶୀପୁର ଅଞ୍ଚଳ ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ମାଲକାନଗିରି ଗସ୍ତ

ମାଲକାନଗିର,୧୬ (ଡି.ଏନ୍.ଏ.)

ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଦିନିକିଆ ମାଲକାନଗିରି ଗସ୍ତରେ ଗୁରୁବାର ଆସିଥିଲେ। ପ୍ରଥମେ ସେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ପି ନିତିଶ ବାଧ୍ୱାନୀଙ୍କ ସହ ସମୀକ୍ଷା କରିଥିଲେ। ପରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହାଲଗୁଡା ଗସ୍ତ କରିଥିଲେ। ସେଠାରେ ପୋଲିସ ବାହିନୀ ସହ ସମୀକ୍ଷା କରି ମାଓବାଦୀଙ୍କ ଗତିବିଧି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ଏହି ଅଞ୍ଚଳରେ କିପରି ମାଓବାଦୀ ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ। ମାଲକାନଗିରି ଜିଲା କିପରି ମାଓବାଦୀ ମୁକ୍ତ ଅଞ୍ଚଳ ହେବେ ସେ ସମ୍ବନ୍ଧରେ ସମୀକ୍ଷାରେ ଆଲୋଚନା କରିଥିଲେ। ବର୍ତ୍ତମାନ ମାଲକାନଗିରି ଜିଲାରେ ମାଓବାଦୀଙ୍କ ଗଣ୍ଡଗୋଳ କମି ଥିବା ବେଳେ କେତୋଟି ସ୍ଥାନରେ ସକ୍ରିୟ ଥିବା ଦେଖିବାକୁ ମିଳୁଛି। ମହିଳା ଏବଂ ଅସହାୟଙ୍କ ପ୍ରତି କିପରି ଉଚିତ ନ୍ୟାୟ ମିଳିପାରିବ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ସହ ଜିଲାରେ ବହୁ ପରିମାଣରେ ଗଞ୍ଜେଇ ବ୍ୟବସାୟ ଚାଲିଛି। ତେଣୁ ଏଥିପ୍ରତି ବିଶେଷ ଦୃଷ୍ଟିଦେଇ ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ।

# ୱାଲଟିୟର ଡିଭିଜନ ଡିଆରଏମ୍‌ଙ୍କ ଟିକିରି ଷ୍ଟେଶନ ଗସ୍ତ



ରେଲୱେ ଅଧିକାରୀଙ୍କ ସହ ଲୋକେ ଆଲୋଚନା କରୁଛନ୍ତି।

ଟିକିରି,୧୬(ଡି.ଏନ.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ରେଳ ଷ୍ଟେଶନରେ ସମଲେଶ୍ୱରୀ ଟ୍ରେନ ରହଣି ଓ ରାସ୍ତା, ପାନୀୟ ଜଳ ଓ ଆଲୋକୀକରଣ ଦାବିକରି ଟିକିରି ଅଞ୍ଚଳର ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ବାରମ୍ବାର ଦାବି କରିଆସୁଥିଲେ। ରେଳ ବିଭାଗ ୩ବର୍ଷ ହେଲାଣି ସମୟ ଗଡାଇ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ରେଳ ରହଣୀ ପାଇଁ ରେଲରୋକୋ ଆହ୍ୱାନ ଦେଲା ପରେ ବିଭାଗ ଓ ଜିଲା ପ୍ରଶାସନ ଆସି ଶାନ୍ତ୍ୱନା ଦେଇଥାନ୍ତି। ସେହିପରି ଜୁନ ୫ରେ ମଧ ରେଲରୋକୋ ଡାକରା ଦେଇଥିଲେ ଟିକିରି ଅଞ୍ଚଳର ବୁଦ୍ଧିଜୀବୀ। ଗୁରୁବାର ୱାଲଟିୟର ଡିଭିଜନ ଡିଆରଏମ୍ ଅନୁପ ଶତପଥୀଙ୍କ ୨ଦିନିଆ କୋରାପୁଟ ଗସ୍ତ ସମୟରେ ଟିକିରି ଷ୍ଟେଶନଠାରେ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରିଥିଲେ। ସେ ରେଳ ବୋର୍ଡକୁ ଜଣାଇଛନ୍ତି। ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ ଏହାର ସମାଧାନ ହେବ ବୋଲି କହିଛନ୍ତି। ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା ଓ ଆଲୋକୀକରଣ ପାଇଁ ଉତ୍କଳ ଆଲୁମିନା କମ୍ପାନୀକୁ ସୁପାରିସ କରିଛନ୍ତି ବୋଲି କହିଛନ୍ତି। ଟିକିରି ଅଞ୍ଚଳ ଚାଷୀ ମାନଙ୍କର ମଧ ଗୋଟିଏ ଦାବିଅଛି, ତା ହେଲା ରେଳ ଲାଇନ୍ ଆରପାରିରେ ଶହଶହ ଏକର ଚାଷଜମି ରହିଛି। ଏହି ଜମିକୁ ଯିବାକୁ ହେଲେ ପ୍ରାୟ ୨କି.ମି. ରାସ୍ତା ବୁଲିକି ଯିବାକୁ ପଡୁଛି। ଏଠାରେ ଏକ ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ ପାଇଁ ଡିଆରଏମ୍‌ଙ୍କୁ ଜଣାଇଛନ୍ତି। ଡିଆର ଏମ୍‌ଙ୍କ ପ୍ରତିଶ୍ରୁତି ପରେ ଆସନ୍ତା ୫ରେ ହେବାକୁ ଥିବା ରେଲରୋକୋ ବାତିଲ କରାଗଲା ବୋଲି ଆବାହକ ଗୌରାଙ୍ଗ ସାହୁ କହିଛନ୍ତି। ରାୟଗଡା ଉପଜିଲାପାଳ ଭୀମସେନ ଶବର, କାଶୀପୁର ତହସିଲଦାର ଶରତ ଶବର,ଏସ୍‌ଡିପିଓ ଦେବଜ୍ୟୋତି ଦାସ,ଟିକିରି ଆଇଆଇସି ବିଜୟଲକ୍ଷ୍ମୀ ହିକକା ଓ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

# ସହଭାଗୀ ଜଳଛାୟା ଯୋଜନାର ଶୁଭାରମ୍ଭ

ମୁନିଗୁଡ଼ା,୧୬(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ରାୟଗଡ଼ା ଜଲା ମୁନିଗୁଡ଼ା ବ୍ଲକ ସୋଲାଗୁଡ଼ି ଗ୍ରାମ ଉପକଣ୍ଠରେ ଗୁରୁବାର ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ)ସହାୟତା ଏବଂ ସ୍ୱେଚ୍ଛାସେବୀ ସଂଗଠନ ଫାର ମୁନିଗୁଡ଼ା ପ୍ରକଳ୍ପ ପରିଚାଳନାକ୍ରମେ ସହଭାଗୀ ଜଳଛାୟା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୀମପୁର, ସାମନାରୀଙ୍ଗି ପଙ୍ଗା, ଶୋଲାଗୁଡ଼ି, ବାରଙ୍ଗକୁପା, ବଙ୍ଗନାଗାଁନ୍ଦ୍ର ମୁନ୍ଦୁବାଡ଼ି, ସଇଦଳପଦର ଓ ବାରମହୁଲକୁ ନେଇ ବାରମହୁଲ ଏବଂ ତୁଳସୀପୁର, ଟଭାପଦର, ଖରାକୁପା ଓ କରାମହଣକୁ ନେଇ ନିର୍ଦ୍ଧାରିତ କରାମହଣ ଜଳଛାୟା ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ଜଳଛାୟା କମିଟି ସଭାପତି, ସମ୍ପାଦକ, ମହିଳା ଓ ପୁରୁଷ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଫାର ସଂସ୍ଥା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନାବାର୍ଡ ରାୟଗଡ଼ା ଜିଲା ଉନ୍ନୟନ ପ୍ରବନ୍ଧକ ସନ୍ତୋଷ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଜଗଦଲପୁର ସରପଞ୍ଚ ରାମେଶ୍ୱର ବାରିଆକା, କୃଷି କର୍ମଚାରୀ ପ୍ରଭାତ କୁମାର ନାୟକ, ଆରସିଡିସି ପ୍ରତିନିଧି ସୁଦର୍ଶନ ଦାସ,ସମାଜିକକର୍ମୀ ଗୌରାଙ୍ଗ ଚରଣ ରାଉତ, ଫାର ଅନୁଷ୍ଠାନ ସମ୍ପାଦିକା ପ୍ରମିଳା ସ୍ୱାଇଁ, ଫାରର ପ୍ରତିଷ୍ଠାତା ସଦସ୍ୟ ବିଜୟ କୁମାର ବାବୁ, ଜଳଛାୟା କାର୍ଯ୍ୟକ୍ରମ ପ୍ରକଳ୍ପ ପରିଚାଳକ ଲୋକନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣ,ଜଳ ପରିଚାଳନା,ଜଙ୍ଗଲ ସୁରକ୍ଷା,ଚାରାରୋପଣ, ଜୀବନ – ଜୀବିକା ନିମନ୍ତେ ଦକ୍ଷତା ବୃଦ୍ଧି ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଦୋଳ ଗୋବିନ୍ଦ ନାୟକ ସଙ୍ଗୀତ ପରିବେଷଣ କରିଥିଲେ। ଶସ୍ୟ ବିଜ୍ଞାନୀ ଦୁଷ୍ମନ୍ତ କୁମାର ସାହୁ ପ୍ରକଳ୍ପର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ୪ ବର୍ଷ ଅବଧିରେ ୨୧୭୫ ହେକ୍ଟର ଜମିକୁ ଉନ୍ନତ ତଥା ବହୁ ଅମଳକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୀର୍ତ୍ତନ ସାହୁଙ୍କ ସମେତ ଜଳଛାୟା କମିଟି ସମ୍ପାଦକ ଧନିଆ ପିଡିକାକା, ରଜନ୍ତି ଜାକେସିକା, ସୁଦର୍ଶନ ସିକକା ଓ ରୁଦେ କୁମୁରୁକା ପ୍ରମୁଖ ସହାୟତା କରିଥିଲେ। ଶେଷରେ ପ୍ରଶାନ୍ତ କାଡ୍ରାକା ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଭାଜପା ଏମ୍‌ପିଙ୍କୁ ଗିରଫ ଦାବି

ଗୁଣପୁର,୧୬(ଡି.ଏନ.ଏ.)

ରାୟଗଡା ଜିଲା ଗୁଣପୁରଠାରେ ସିପିଆଏମ୍‌ଏଲ ପକ୍ଷରୁ ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଭାଜପା ଏମ୍‌ପ ବ୍ରିଜ ଭୂଷଣ ସିଂଙ୍କୁ ଗିରଫ ଦାବିକରି ଗୁରୁବାର ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସହକାରୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦଳ ପକ୍ଷରୁ ବାଇପାସ୍ ଛକଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଦାବୀପତ୍ର ପ୍ରଦାନ ସମୟରେ ଅନାସିମ ଶବର, ସଞ୍ଜୀବ ଶବର, ଅସମାବିନ ଶବର, ମିନ ଶବର, କୈଳାସ ଶବର, ମୁନି ଶବର ଏବଂ ସାଇମା ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଅମଲାଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ରାୟଗଡ଼ା ଅଫିସ,୧୬



ଅମଲାମାନେ ଆନ୍ଦୋଳନରେ ବସିଛନ୍ତି।

ରାଜ୍ୟ ଅମଲା ମଞ୍ଚର ନିର୍ଦ୍ଦେଶକ୍ରମେ ଜିଲା ଅମଲା ମଞ୍ଚ ବିକ୍ଷୋଭ ପ୍ରଦର୍ଶନ କରିଛି। ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଗ୍ରେଡ୍ ପେ ୪୨୦୦ ଦାବି ନେଇ ଆଜି ସମସ୍ତ ଅମଲା ସ୍ଥାନୀୟ ଅମଲା ସଂଘ ପାଠାଗାରଠାରେ ରହି ନିଜ କାମକୁ ନ ଯାଇ ଛୁଟିରେ ରହି ପ୍ରତିବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଅନେକ ଥର ସରକାରଙ୍କ ନିକଟରେ ଦାବି କରିଛୁ। ଗ୍ରେଡ୍ ପେ ୪୨ଶହ ଟଙ୍କା ପାଇଁ ଦାବିପତ୍ର ଦେଇଛୁ। ବିକ୍ଷୋଭ କରିଛୁ ହେଲେ ସରକାର କର୍ଣ୍ଣପାତ କରୁନାହାନ୍ତି। ତେଣୁ ଆଜି କାର୍ଯ୍ୟ ବନ୍ଦକରି ଆନ୍ଦୋଳନରେ ବସିଥିବା ରାୟଗଡ଼ା ମିଳିତ ଅମଲା ସଂଘର ଜିଲା ଆବାହକ ଅରୁଣ କୁମାର ପାଢ଼ୀ କହିଛନ୍ତି।

୨୦୧୭ରେ ଏକ ଆନ୍ଦୋଳନ କରାଯାଇଛି। ଏହାପରେ ସରକାର ଅମଲାମାନଙ୍କର ଶିକ୍ଷାଗତ ଯୋଗ୍ୟତା ମାଟ୍ରିକରୁ ସ୍ନାତକ କରିଥିବା ସହ କମ୍ପ୍ୟୁଟର ଶିକ୍ଷାକୁ ବାଧ୍ୟତାମୂଳକ କରିଥିଲେ। ସମସ୍ତ ଯୋଗ୍ୟତା ଥାଇ ମଧ ଦରମା ବୃଦ୍ଧି କରାଯାଉ ନ ଥିବାରୁ ଗତ ୨୨ରୁ ୩୧ ପର୍ଯ୍ୟନ୍ତ ଅମଲାମାନେ କଳା ବ୍ୟାଜ୍ ପିନ୍ଧି ସରକାରୀ ନୀତିକୁ ବିରୋଧ କରିଥିଲେ। ପୂର୍ବ ଘୋଷଣା ଅନୁସାରେ ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରି ଛୁଟିରେ ରହିବେ ବୋଲି ଘୋଷଣା କରିଛନ୍ତି।

# କାଳବୈଶାଖୀରେ ବ୍ୟାପକ କ୍ଷତି

କୋରୁକୋଣ୍ଡା,୧୬(ଡି.ଏନ୍.ଏ.)



ମାଲକାନଗିରି ଜିଲା ସଦର କୋରୁକୋଣ୍ଡା ପଞ୍ଚାୟତ ବୁଦୁଗୁଡ଼ା, ବୁଦୁଗୁଡ଼ା କଲୋନୀ, ଜାମୁଗୁଡ଼ା, ଦୁରୁମାଗୁଡ଼ା ଏବଂ ଡୁଡ଼ାମେଟା ପଞ୍ଚାୟତ ଅନ୍ତର୍ଗତ ବାଲାକାଟି, ବେଣ୍ଡାଗୁଡ଼ା, ଏମ୍‌ଭି ୨୩ ଆଦି ଗ୍ରାମରେ ଗୁରୁବାର କାଳ ବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାଖାପାଖି ୨୫–୩୦ ଘରର ଭାଙ୍ଗି ଯାଇଛି। ପ୍ରବଳ ପବନରେ ଘର ଛପର ଉଡେଇ ନେଇଛି। ଆଉ କେତେକ ଘର ଉପରେ ଗଛ ପଡ଼ି ଭାଙ୍ଗି ଯିବା ସହ ବଦ୍ୟୁତ୍ ଖୁଣ୍ଟ ଉପରେ ଗଛ ପଡ଼ି ସରବରାହ ବନ୍ଦ ହୋଇଛି। ଖବର ପାଇ କୋରୁକୋଣ୍ଡା ଏମ୍‌ପି ପ୍ରତିନିଧି ସତ୍ୟ ପାଣିଗ୍ରାହୀ, ବ୍ଲକ୍ ସଦସ୍ୟ ଜିତୁ ବୁରୁଡି, କୋରୁକୋଣ୍ଡା ଜୋନ୍ ୧ ଜିଲା ପରିଷଦ ସଦସ୍ୟା ବିଜୟ ଲକ୍ଷ୍ମୀ ପଡ଼ିଆମି, ରାଜସ୍ୱ ନିରୀକ୍ଷକ ପ୍ରଦୀପ ବରାଡ, ଉକ୍ତ ଅଞ୍ଚଳକୁ ବୁଲି କ୍ଷତି ଗ୍ରସ୍ତ ପାରିବାର ସହ ଆଲୋଚନା କରି ପଲିଥିନ ପ୍ରଦାନ କରିଥିଲେ। ଆଗାମୀ ଦିନରେ କ୍ଷତିପୂରଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

- ମହିଳା କୁସ୍ତି ଯୋଦ୍ଧାମାନଙ୍କୁ ଯୌନ ନିର୍ଯାତନା ଅଭିଯୋଗ
- ଦେଶ ବ୍ୟାପୀ ପ୍ରତିବାଦ ଦିବସ

ରାମନାଗୁଡା,୧୬(ଡି.ଏନ.ଏ.)

ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ସିଂ ଯୌନ ନିର୍ଯାତନା ଦେବା ପ୍ରତିବାଦରେ ରାୟଗଡା ଜିଲା ରାମନାଗୁଡା ଖିଲାପଦର ଛକଠାରୁ ଗୁରୁବାର ଏକ ବିରାଟ ଶୋଭାଯାତ୍ରା ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଏହା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ସାହୁଙ୍କୁ ସିପିଆଇ ଏମ୍‌ଏଲ ଲିବରେଶନ ରାଜ୍ୟ ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦିଲ୍ଲୀ ସଂସଦ ଭବନ ଆଗରେ ଆନ୍ଦୋଳନ କରିବାକୁ ଯାଉଥିବା ବେଳେ ଦିଲ୍ଲୀ ପୋଲିସ ଏହି କୁସ୍ତିଯୋଦ୍ଧାମାନଙ୍କୁ ଉଠାଇ ସେମାନଙ୍କ ବିରୁଦ୍ଧରେ ମିଥ୍ୟା ମାମଲା ରୁଜୁ କରିଛି। ଏଥି ସହ ଭାରତ ପାଇଁ ଗର୍ବ ଆଣିଥିବା କ୍ରୀଡ଼ାବିତ୍‌ମାନଙ୍କୁ ପୋଲିସର ଦୁର୍ବ୍ୟବହାର, ବ୍ରିଜ ଭୂଷଣଙ୍କୁ ଗିରଫ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ଦେଶବ୍ୟାପୀ ଆନ୍ଦୋଳନ କରାଯାଇଛି। କୁସ୍ତି ଯୋଦ୍ଧା ମହାସଂଘ ଅଧ୍ୟକ୍ଷ ବ୍ରିଜ ଭୂଷଣ ସେମାନଙ୍କୁ ଯୌନ ନିର୍ଯାତନା ଦେଇଥିବା ମହିଳା କୁସ୍ତି ଯୋଦ୍ଧାମାନେ ଅଭିଯୋଗ କରିଛନ୍ତି। ବ୍ରିଜ ଭୂଣଣ ଭାଜପା ଏମ୍‌ପି ଥିବାରୁ କେନ୍ଦ୍ର ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି କହିଛନ୍ତି।

ଅଭିଯୋଗ ପତ୍ରରେ ପୋଲିସ କୁସ୍ତି ଯୋଦ୍ଧାଙ୍କ ଉପରେ ଦମନଲୀଳା ଚଳାଇଥିବା ବେଳେ ଯୌନ ନିର୍ଯାତନା ଦେଉଥିବା ଭାଜପା ଏମ୍‌ପି ବ୍ରିଜ୍ ଭୂଷଣଙ୍କୁ ଗିରଫ କରିବା, କୁସ୍ତି ଯୋଦ୍ଧାମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ବ୍ରିଜ ଭୂଷଣଙ୍କୁ ଏମ୍‌ପି ପଦରୁ ବହିଷ୍କାର କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଦାବିପତ୍ର ଦେବା ସମୟରେ ତ୍ରିପତି ଗମାଙ୍ଗ ସମ୍ପାଦକ ସିପିଆଇ (ଏମ୍‌ଏଲ) ଲିବରେଶନ ଦାସୁରୁ ପାତିକା, ଫୁଲିଂ କୁମ୍ବିରିକା, ଦାସିନି ପାତିକା, ଭାନୁମତୀ ପାତିକା, ରାମଦାସ ନିମାଲା, ଗୋବିନ୍ଦ ପାତିକା, ରମେଶ ପାତିକା, ରାଜୁ ପାତିକା ଓ ଗୁରୁଣ୍ଟୁ ଶବର ପ୍ରମୁଖ ଉପସ୍ଥିତ ଥିଲେ।




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରୁଦ୍ଧଦ୍ୱାର ବୈଠକରେ ବିବାଦୀୟଙ୍କୁ ଚେତାବନୀ ଦେଲେ ମନ୍ତ୍ରୀ ଅତନୁ, ପ୍ରଣବ

- ଜିଲାର ସାଂଗଠନିକ ଦାୟିତ୍ୱ ବୁଝିପାରନ୍ତି ଭାସ୍କର ରାଓ
- ଦଳରେ ବିଶୃଙ୍ଖଳିତଙ୍କୁ ସ୍ଥାନ ନାହିଁ

ରାୟଗଡ଼ା,୧୬(ସ୍ୱ.ପ୍ର.)



ଜେକେ କାଗଜକଳ ଅତିଥି ଭବନରେ ମନ୍ତ୍ରୀ ଅତନୁ, ପ୍ରଣବ ଦାସ, ଏନ.ଭାସ୍କର ରାଓ, ମନ୍ତ୍ରୀ ସାରକା ଓ ଅନ୍ୟମାନେ।

ରାୟଗଡା ଜିଲାରେ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଓ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗୁରୁବାର ଦଳୀୟ ସ୍ଥିତି ନେଇ ସମୀକ୍ଷା କରିଥିଲେ। ଦଳର ସଂଗଠନକୁ ସୁଦୃଢ଼ କରିବା ସହିତ ପରିବର୍ତ୍ତନ ପାଇଁ ଅଙ୍କକଷା ଚାଲିଛି। ଏନେଇ ଅତନୁ ଓ ପ୍ରଣବ ରୁଦ୍ଧ ଦ୍ୱାର ବୈଠକ କରିଥିବା ଜଣାପଡ଼ିଛି। ବୈଠକରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓ, ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ସଭାପତି ସୁଧୀର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବିଧାୟକ ରଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝି, ପୌର ପରିଷଦ ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ଓ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ସମୟ ଏମାନେ ଜିଲାର ପ୍ରମୁଖ ନେତାଙ୍କ ସହିତ ଆଲୋଚନା କରିଥିଲେ। ୨୦୨୪ ନିର୍ବାଚନରେ ବିଜେଡ଼ି କିଭଳି ବିଜୟୀ ହେବ ସେ ନେଇ ବିଶେଷ ଆଲୋଚନା ହୋଇଥିଲା। ଆଗାମୀ ନିର୍ବାଚନରେ ଜିଲାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓଙ୍କ ନେତୃତ୍ୱରେ ଜିଲାରେ ଦଳ ପରିଚାଳିତ ହେବ ବୋଲି ପ୍ରଣବ କହିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଭାସ୍କର ଜିଲାର ୩ ନିର୍ବାଚନ ମଣ୍ଡଳୀ ସମେତ କୋରାପୁଟ ଲୋକ ସଭା ଆସନ ଏବଂ ପଡ଼ୋଶୀ ଜିଲାର ଦଳୀୟ ନେତାଙ୍କ ସହ ବିଚାର ଆଲୋଚନା କରିବେ ବୋଲି ଜଣାପଡ଼ିଛି।

୨୦୧୨ ପରଠାରୁ ଜିଲା କମିଟି ଗଠନ ହୋଇ ନ ଥିବାରୁ ଖୁବ ଶୀଘ୍ର ନୂତନ କମିଟି ଘୋଷଣା ହେବା ସମ୍ଭାବନା ରହିଛି। କମିଟି ଗଠନ ନେଇ ଅତନୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଜିଲା ବିଜେଡ଼ିରେ ଥିବା ଗୋଷ୍ଠୀ କନ୍ଦଳ ବିଷୟରେ ପଚାରିବାରୁ ଦଳ ଏକ ରହିଛି। ଆମ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟ କରାଯାଉଛି ବୋଲି କହିଥିଲେ।

ସୂଚନାଯୋଗ୍ୟ, ଜିଲା ବିଜେଡ଼ିରେ ଗୋଷ୍ଠୀ କନ୍ଦଳ ବଢ଼ିବା ସହିତ ଦଳ ବିଭିନ୍ନ ଭାଗରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଜିଲାର ଏକ ନିର୍ଦ୍ଦିଷ୍ଟ ଯୁବଗୋଷ୍ଠୀ ଜିଲା ସଂଗଠନକୁ ନିଜ ଅଧୀନକୁ ନେବାକୁ ଉଦ୍ୟମରେ ବରିଷ୍ଠ ନେତାଙ୍କୁ ଅଣଦେଖା କରି ଚାଲିଛନ୍ତି। ଏନେଇ ଦଳର ବରିଷ୍ଠ ନେତା ଓ କର୍ମୀ ବାରମ୍ବାର ଅଭିଯୋଗ କରୁଥିଲେ। ଏସବୁ ତୁରନ୍ତ ବନ୍ଦ ପାଇଁ କଡ଼ା ଚେତାବନୀ ଦେଇଛନ୍ତି ପ୍ରଣବ ଓ ଅତନୁ। ଆଗାମୀ ଦିନରେ ଦଳରେ ଏଭଳି ବିଶୃଙ୍ଖଳା ଦେଖାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଦୁଇ ପର୍ଯ୍ୟାୟ ଦୁଇଟି ଦଳୀୟ ବୈଠକ ହୋଇଥିଲା। ପ୍ରଥମେ ସର୍କିଟ ହାଉସରେ ମନ୍ତ୍ରୀ ଅତନୁ କିଛି ନେତାଙ୍କ ସହିତ ଆଲୋଚନା କରିଥିଲେ। ପ୍ରଣବ ପ୍ରକାଶ ଦାସ ପହଞ୍ଚିବା ପରେ ଜେକେ କାଗଜ କଳ ଅତିଥି ଭବନଠାରେ ଆଲୋଚନା କରାଯାଇ ଦଳର ସାଂଗଠନିକ ପରିବର୍ତ୍ତନରେ ଏକ ପ୍ରକାର ମୋହର ବାଜିଥିଲା। ହେଲେ ଆନୁଷ୍ଠାନିକ ଘୋଷଣା ଖୁବ ଶୀଘ୍ର ହେବ ବୋଲି ଜଣାପଡ଼ିଛି। ଏଭଳିକି ଜଣେ ଯୁବନେତା ନିଜ ପଦରୁ ଇସ୍ତଫା ଦେଇଥିବା ମଧ୍ୟ ଜଣାପଡ଼ିଛି।

